## ସଂକ୍ଷେପରେ

### ବଳାତ୍କାର ଅଭିଯୁକ୍ତ ଗିରଫ

**ଅନୁଗୋଳ ଅଫିସ, ୭।୬:** ଅନୁଗୋଳ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ସାନୁ ଗୋଚ୍ଛାୟାତ (୨୧) ବୋଲି ଜଣାପଡ଼ିଛି। ପୋଲିସ କହିଛି, ନାବାଳିକା ଜଣକ ଗତ ୩୦ ତାରିଖ ସକାଳ ୬ଟାରେ ଯାଉଥିବା ବେଳେ ସାନୁ ତାଙ୍କୁ ବଳାତ୍କାର କରିଥିବା ଥାନାରେ ଗତ ୧ ତାରିଖରେ ଲିଖିତ ଅଭିଯୋଗ ହୋଇଥିଲା।

### ଷ୍ଟ୍ରିଟ୍ ଲାଇଟ ଲଗାଇବାକୁ ଦାବି

**ଆଠମଲ୍ଲିକ,୭।୬(ଡି.ଏନ.ଏ.):** ଆଠମଲ୍ଲିକ - ଧଳପୁର ସେତୁର ସଂଯୋଗୀକରଣ ରାସ୍ତାରେ ଷ୍ଟ୍ରିଟ ଲାଇଟ ଲଗାଇବାକୁ ସାଧାରଣରେ ଦାବି ହେଉଛି। ଆଠମଲ୍ଲିକବାସୀଙ୍କ ବହୁ ପ୍ରତୀକ୍ଷିତ ଏହି ସେତୁର ନିର୍ମାଣ କାମ ଶେଷ ପର୍ଯ୍ୟାୟରେ ପହଞ୍ଚି ସାରିଥିବାରୁ ସରକାରଙ୍କ ପକ୍ଷରୁ ଆଉ ଅଳ୍ପଦିନ ମଧ୍ୟରେ ଏହାକୁ ଲୋକାର୍ପଣ କରାଯିବା ସମ୍ଭାବନା ରହିଚି। ତେଣୁ ଲୋକଙ୍କ ଯାତାୟାତକୁ ଆଖି ଆଗରେ ରଖି ଏନ୍ଏସି ପକ୍ଷରୁ ଷ୍ଟ୍ରିଟ ଲାଇଟର ବ୍ୟବସ୍ଥା ନ କଲେ ଭବିଷ୍ୟତରେ ଅଘଟଣ ଘଟିବାର ସମ୍ଭାବନା ରହିଛି। ସେତୁର ସଂଯୋଗୀକରଣ ରାସ୍ତା ୨ କି.ମି.ରୁ ଅଧିକ ଲମ୍ବ ରହିଛି। ଆଠମଲ୍ଲିକ - କିଆକଟ ରାସ୍ତାକୁ ସଂଯୋଗ କରୁଥିବା ଏହି ନୂତନ ରାସ୍ତାରେ ଏବେଠୁ ଲୋକଙ୍କ ଭିଡ ଦେଖିବାକୁ ମିଳୁଛି। ସେତୁ ଲୋକାର୍ପଣ ହେବ ପୂର୍ବରୁ ଷ୍ଟ୍ରିଟ ଲାଇଟ ବ୍ୟବସ୍ଥା କରିବାକୁ ଦାବି ହେଉଛି। ଏ ସମ୍ପର୍କରେ ଏନ୍ଏସି ଅଧକ୍ଷା ଆଶା କୁମାରୀ ସାହୁ କହିଛନ୍ତି, ଲୋକଙ୍କ ହିତ ଦୃଷ୍ଟିରୁ ଷ୍ଟ୍ରିଟ ଲାଇଟ ଲଗାଇବା ଜରୁରୀ। ଆଗାମୀ ବୈଠକରେ ଏହା ଉପରେ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ।

### 'ପରିବେଶ ବଞ୍ଚିଲେ ଆମେ ବଞ୍ଚିବା'

**ଅନୁଗୋଳ ଅଫିସ,୭।୬:** ନେହେରୁ ଯୁବକେନ୍ଦ୍ର ଓ ମା' ବ୍ରାହ୍ମଣୀ ଦେବୀ ୟୁଥ କ୍ଲବର ମିଳିତ ଆନୁକୂଲ୍ୟରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନେହେରୁ ଯୁବକେନ୍ଦ୍ରର ଜିଲା ଯୁବ ସଂଯୋଜକ ପ୍ରଦୀପ କୁମାର, ସମ୍ମାନିତ ଅତିଥି ଭାବେ ତପନ କୁମାର ସାମଲ ଯୋଗଦେଇ ପରିବେଶ ବଞ୍ଚିଲେ ଆମେ ବଞ୍ଚି ପାରିବା ବୋଲି କହିଥିଲେ। କ୍ଲବ ସଭାପତି ବିଶିକେଶନ ଗଡ଼ନାୟକଙ୍କ ସମେତ କ୍ଲବ ସଦସ୍ୟ ଭୁବନ ଭୋଇ, ସବ୍ୟସାଚୀ ସାମଲ, ସ୍ୱସ୍ତିକ ବାରିକ, ରଞ୍ଜନ ମାଝି, ଶାନ୍ତନୁ ମାଝି, ମହେଶ୍ୱର ଭୁକ୍ତା, ଆଶିଷ ସାମଲ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ବ୍ଲକ ସଂଯୋଜକ ସୁଶାନ୍ତ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

### ପାନୀୟ ଜଳ ଯୋଗାଣ ପାଇଁ ଦାବିପତ୍ର

**ଆଠମଲ୍ଲିକ,୭।୬(ଡି.ଏନ.ଏ.):** ବାରମ୍ବାର ବିଦ୍ୟୁତ୍ ବିଭ୍ରାଟ ଓ ପାନୀୟ ଜଳ ଯୋଗାଣରେ ଅନିୟମିତତା ପ୍ରତିବାଦରେ ଉପଭୋକ୍ତା ମହଲ ମଙ୍ଗଳବାର ପ୍ରଶାସନର ଦ୍ୱାରସ୍ଥ ହେବା ସ୍ଥାୟୀ ସମାଧାନ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛି। ଦାବିପତ୍ରରେ ଦର୍ଶାଯାଇଛି, କିଛିଦିନ ହେଲା ବିଦ୍ୟୁତ୍ କାଟ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ପ୍ରବଳ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ଅନୁଭୂତ ହେଉଥିବା ସମୟରେ ଜଳ ଯୋଗାଣ ବନ୍ଦ ହେବା କାରଣରୁ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ଆଠମଲ୍ଲିକ କଲେଜ ଛାତ୍ର ସଂସଦ ପ୍ରାକ୍ତନ ସଭାପତି ସନ୍ତୋଷ କ୍ଷେତୀ ଓ ଦେବେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ବହୁ ଉପଭୋକ୍ତା ସ୍ଥାନୀୟ ଉପଜିଲାପାଳ ଓ ଏନଏସି ନିର୍ବାହୀ ଅଧିକାରୀ କାଦମ୍ବିନୀ ଜେନାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଜନସ୍ୱାସ୍ଥ୍ୟ ବିଭାଗ କନିଷ୍ଠ ଯନ୍ତ୍ରୀ ଦେବୀ ମିଶ୍ର କହିଛନ୍ତି, ବିଦ୍ୟୁତ୍ ସମସ୍ୟା ସୁଧୁରିଲେ ଜଳ ଯୋଗାଣ ସମସ୍ୟା ସୁଧୁରିବ। ବିଭାଗ ନିକଟରେ ୨ ଟି ଜେନେରେଟର ଅଛି। ଆଉ ଗୋଟିଏ ଜେନେରେଟର ଯୋଗାଇ ଦେବାକୁ ଉପରିସ୍ଥ ଅଧିକାରୀଙ୍କୁ ଜଣେଇଛୁ।

# ବସ୍ ଯାତ୍ରୀଙ୍କୁ ବିମାନବନ୍ଦର ଭଳି ସୁବିଧା

**ଅନୁଗୋଳ ଅଫିସ, ୭।୬**

ବସ୍‌ରେ ଯିବାକୁ ଥିବା ଯାତ୍ରୀ ପାଇବେ ବିମାନବନ୍ଦର ଭଳି ସୁବିଧା। ପାର୍କିଂ, ଶପିଂ, ମେଡିସିନ, ଯାହା ଚାହିଁବେ ତାହା ହାତପାହାନ୍ତାରେ ପାଇପାରିବେ। ବସ୍ ଟାଇମିଂ ଜାଣିବାଠାରୁ ଆରମ୍ଭ କରି ଇ-ଟିକେଟ୍ ଯାଏ ସମସ୍ତ ଅତ୍ୟାଧୁନିକ ବ୍ୟବସ୍ଥା ଉପଲବ୍ଧ ହେବ ସେମାନଙ୍କ ପାଇଁ। ଆଗାମୀ ଦିନରେ ସିନେମା ହଲରେ ବସି ମଜା ମଧ୍ୟ ନେଇପାରିବେ ବସ୍‌ଯାତ୍ରୀ। ଅନୁଗୋଳରେ ଖୁବ୍‌ଶୀଘ୍ର ଉଦ୍‌ଘାଟନ ହେବାକୁ ଯାଉଥିବା ଅତ୍ୟାଧୁନିକ ବସ୍ ଟର୍ମିନାଲରେ ଏଭଳି ଆକର୍ଷଣୀୟ ବ୍ୟବସ୍ଥା କରାଯାଇଛି। ଏହାର ଭିତ୍ତିଭୂମିକୁ ଏପରି ବିକଶିତ କରାଯାଇଛି ଯେ ଏହା କୌଣସି ବିମାନବନ୍ଦରଠାରୁ କମ୍ ନୁହେଁ।

ଅନୁଗୋଳରେ ଏହି ଅତ୍ୟାଧୁନିକ ବସ୍ ଟର୍ମିନାଲ ପାଇଁ ୨୦୧୧ ଜୁଲାଇ ୧୩ରେ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ୨୦୧୨ ଏପ୍ରିଲ ୯ରେ ଏ ନେଇ ତାଳଚେର-ଅନୁଗୋଳ-ମେରାମଣ୍ଡଳୀ ଉନ୍ନୟନ କର୍ତ୍ତୃପକ୍ଷ (ତାମଡା) ସହ ମିଳନ ଡେଭଲପର୍ସ ଆଣ୍ଡ ବିଲଡର୍ସ ପ୍ରାଇଭେଟ ଲିମିଟେଡ ଓ ଅନୁଗୋଳ ବସ୍ ଟର୍ମିନାଲ କମ୍ପାନୀ ପ୍ରାଇଭେଟ ଲିମିଟେଡ ମଧ୍ୟରେ ଏମ୍ଓୟୁ ସ୍ୱାକ୍ଷର ହୋଇଥିଲା। ୨୦୧୩ ଜୁନ୍ ୨୮ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଭୂମିପୂଜା କରିବା ପରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ୧୪.୯୫ କୋଟି ବ୍ୟୟବରାଦରେ ହେବାକୁ ଥିବା ଏହି ଟର୍ମିନାଲ କାର୍ଯ୍ୟ ୨ ବର୍ଷ ମଧ୍ୟରେ ଶେଷ ହେବ ବୋଲି ଲକ୍ଷ୍ୟ ରଖାଯାଇଥିଲେ ହେଁ ଶେଷ କରିବାରେ ବହୁ ବିଳମ୍ବ ହୋଇଛି।



- ଶେଷ ପର୍ଯ୍ୟାୟରେ ଅନୁଗୋଳ ବସ୍ ଟର୍ମିନାଲ କାର୍ଯ୍ୟ
- ଆସନ୍ତା ମାସରେ କରାଯିବ ଉଦ୍‌ଘାଟନ
- ପ୍ରଥମ ପର୍ଯ୍ୟାୟରେ ୬ ରୁଟ୍‌ରେ ଗଡ଼ିବ ବସ୍

ଏପରି କି ବ୍ୟୟ ଅଟକଳ ମଧ୍ୟ ୪୦ କୋଟି ଛୁଇଁସାରିଛି। ତେବେ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚି ସାରିଥିବାରୁ ଆସନ୍ତା ମାସରେ ଏହାକୁ ଲୋକାର୍ପଣ କରାଯିବାର ଯୋଜନା ରହିଛି। ଆସନ୍ତା ୧୦ ତାରିଖରେ ଟର୍ମିନାଲରେ ସୁରକ୍ଷାକର୍ମୀ ଓ ହାଉସକିପିଂ କର୍ମଚାରୀଙ୍କୁ ନିୟୋଜିତ କରାଯିବ। ଏଠାରେ ବିମାନବନ୍ଦର ଭଳି ବସ୍‌ଯାତ୍ରୀମାନେ ସୁବିଧା ପାଇପାରିବେ। ବସ୍‌ରେ ଯିବାକୁ ଥିବା ଯାତ୍ରୀମାନେ ବସ୍‌ଷ୍ଟାଣ୍ଡରେ ନିଜ ଗାଡ଼ି ପାର୍କିଂ କରିପାରିବେ। ୧୪ଟି ବଡ଼ ଓ ୧୨ଟି ଛୋଟ ଦୋକାନ ନିର୍ମାଣ କରାଯାଇଥିବାରୁ ଚା, କଫିଠାରୁ ଆରମ୍ଭ କରି ରେଷ୍ଟୁରାଣ୍ଟ, ମେଡିସିନ ସୁବିଧା ଏଠାରେ ଉପଲବ୍ଧ ହେବ। ଡିଜିଟାଲ ଟାଇମ୍ ଟେବୁଲର ବ୍ୟବସ୍ଥା ଥିବାବେଳେ ଟିକେଟ୍ ପାଇଁ ୬ଟି କାଉଣ୍ଟର ଖୋଲାଯାଇଛି। ପ୍ରଥମ ପର୍ଯ୍ୟାୟରେ ଏଠାରୁ କଟକ, ଭୁବନେଶ୍ୱର, ସମ୍ବଲପୁର, କେନ୍ଦୁଝର, ଯାଜପୁର ଆଦି ୬ଟି ରୁଟ୍‌କୁ ବସ୍ ଯାତାୟାତ କରିବ। ପରବର୍ତ୍ତୀ ସମୟରେ ଅନ୍ୟ ସ୍ଥାନକୁ ଗମନାଗମନ ସୁବିଧା କରାଯିବ। ବସ୍ ରହିବାକୁ ସମୁଦାୟ ୩୩ଟି ପ୍ଲାଟଫର୍ମ କରାଯାଇଛି। ଗାଡ଼ି ସର୍ଭିସିଂ, ମରାମତି ପାଇଁ ଗ୍ୟାରେଜ ରହିଛି। ଏକାବେଳେ ୩୫୦ ଯାତ୍ରୀଙ୍କ ପାଇଁ ବିଶ୍ରାମ ଗୃହ, ଭିଆଇପି ଗେଷ୍ଟ ହାଉସ୍, ସାମଗ୍ରୀ ରଖିବା ପାଇଁ କ୍ଲକ ରୁମ୍, ଏଟିଏମ୍, ଲିଫ୍ଟ, ମନୋରଞ୍ଜନ ବ୍ୟବସ୍ଥା, ବେବି ଫିଡିଙ୍ଗ ରୁମ୍, ଶୌଚାଳୟ, ଉତ୍ସବ ପାଳନ କରିବାକୁ ପର୍ଯ୍ୟାପ୍ତ ଜାଗା, ଡ୍ରାଇଭର ଓ ହେଲପରଙ୍କ ବିଶ୍ରାମ ଓ ଆମୋଦ ପ୍ରମୋଦ ଗୃହ ବ୍ୟବସ୍ଥା ରହିଛି। ଏଥିସହ ଫାଣ୍ଡି ଘର, ଘରୋଇ ବସ୍ ମାଲିକ ସଂଘ ପାଇଁ ଘର ଓ ଅନ୍ୟାନ୍ୟ ଗୃହ ନିର୍ମାଣ ଚାଲିଛି। ଆଗକୁ ପିଲାଙ୍କ ଗେମ୍ ଜୋନ୍, ଜିମ୍, ସିନେମା ହଲ ଓ ମଲ୍ ବ୍ୟବସ୍ଥା କରାଯିବ ବୋଲି ନିର୍ମାଣକାରୀ ସଂସ୍ଥା ପକ୍ଷରୁ କୁହାଯାଇଛି। ଏଥିସହ ଟର୍ମିନାଲରେ ଦୁଇଟି ସ୍ୱେରେଜ ସିଷ୍ଟମ କରାଯାଇଛି। ନିର୍ଗତ ହେବାକୁ ଥିବା ପାଣିକୁ ବିଶୋଧନ କରାଯାଇ କିଭଳି ବ୍ୟବହାରଯୋଗ୍ୟ କରାଯିବ ସେ ନେଇ ମଧ୍ୟ ବ୍ୟବସ୍ଥା କରାଯାଇଛି।

### କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି



ଅତ୍ୟାଧୁନିକ ବସ୍ ଟର୍ମିନାଲ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି। ଯେଉଁ କିଛି ଛୋଟ କାର୍ଯ୍ୟ ରହିଛି, ତାହାକୁ ଶୀଘ୍ର ଶେଷ କରିବାକୁ କୁହାଯାଇଛି। କାମ ସମ୍ପୂର୍ଣ୍ଣ ହେବା ପରେ ତୁରନ୍ତ ଏହି ଟର୍ମିନାଲକୁ ଉଦ୍‌ଘାଟନ କରାଯିବ।

**-ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲାପାଳ**

### ନ ସୁହାଇଲେ ଯିବୁ ନାହିଁ



ଅତ୍ୟାଧୁନିକ ବସ୍ ଟର୍ମିନାଲରେ ଥିବା ବ୍ୟବସ୍ଥା ଜିଲାର ଘରୋଇ ବସ୍‌ଗୁଡ଼ିକୁ ସୁହାଇଲା ଭଳି ନ ହେଲେ ସେଠାକୁ ଯିବୁ ନାହିଁ। ଟୋଲ୍ ଫି କଟାଯିବାକୁ ମଧ୍ୟ ବିରୋଧ କରୁଛୁ। ସରକାରୀ ବସ୍ ସେଠାକୁ ଗଲେ ପ୍ରତିଦ୍ୱନ୍ଦ୍ୱିତା କରି ବ୍ୟବସାୟ କରିବାର ନାହିଁ।

**-ରାଜୁ ମିଶ୍ର, ସମ୍ପାଦକ, ଜିଲା ବସ୍ ମାଲିକ ସଂଘ**

### ନୂଆ ଇତିହାସ ଯୋଡ଼ିହେବ



ଅତ୍ୟାଧୁନିକ ବସ୍ ଟର୍ମିନାଲରେ ଥିବା ବ୍ୟବସ୍ଥା କୌଣସି ବିମାନବନ୍ଦର ଠାରୁ କମ୍ ନୁହେଁ। ଏହା ଉଦ୍‌ଘାଟନ ହେଲେ ଅନୁଗୋଳ ଇତିହାସରେ ଏକ ନୂଆ ଅଧ୍ୟାୟ ଯୋଡ଼ିହେବ। ଏହା ଆମ ଜିଲା ପାଇଁ ଗର୍ବର ବିଷୟ। ଅତ୍ୟାଧୁନିକ ସେବା ଏଠାରେ ଉପଲବ୍ଧ ହେବ।

**-ହ୍ରିତିକା ମିଶ୍ର, ଅନୁଗୋଳବାସୀ**

### ଅନୁଗୋଳର ଗୁରୁତ୍ୱ ବଢ଼ିବ



ବିଳମ୍ବରେ ହେଉ ପଛେ ଅତ୍ୟାଧୁନିକ ବସ୍‌ଟର୍ମିନାଲ ଉଦ୍‌ଘାଟନ ହେବାକୁ ଯାଉଥିବା ଖୁସିର ବିଷୟ। ଜିଲାବାସୀ ଏଠାରେ ଅତ୍ୟାଧୁନିକ ସେବା ପାଇବା ସହ ଅନୁଗୋଳର ଗୁରୁତ୍ୱ ବଢ଼ିବ। ଅନ୍ୟ ଜିଲା ପାଇଁ ଏହା ଉଦାହରଣ ମଧ୍ୟ ସୃଷ୍ଟି କରିବ।

**-ବଳରାମ ଜେନା, ଅନୁଗୋଳବାସୀ**

## ଅନୁଗୋଳରୁ ପ୍ରକାଶ ଗଲେ କମିଶନରେଟ୍



ପ୍ରକାଶ କୁମାର ମାଝି

**ଅନୁଗୋଳ ଅଫିସ,୭।୬**

ରାଜ୍ୟ ପୋଲିସ ମୁଖ୍ୟାଳୟ ପକ୍ଷରୁ ୧୧୩ ଜଣ ସବ୍ ଇନ୍ସପେକ୍ଟରଙ୍କୁ ଇନ୍ସପେକ୍ଟର ଭାବେ ପଦୋନ୍ନତି ଦିଆଯାଇଛି। ଅନୁଗୋଳ ଜିଲା ପୋଲିସ ମୁଖ୍ୟାଳୟରେ ଅବସ୍ଥାପିତ ଇନ୍ସପେକ୍ଟର ଜ୍ଞାନରଞ୍ଜନ ସାମଲଙ୍କୁ ପିସିସି, ନାଲ୍‌କୋ ଥାନା ଆଇଆଇସି ବିନ୍ଦୁବାସିନୀ ବିଶ୍ୱାଳଙ୍କୁ ଓଏଚ୍ଆର୍‌ସି ଏବଂ ପିସିସିରେ କାର୍ଯ୍ୟରତ ଝୁନାରାଣୀ ସାହୁଙ୍କୁ ଭୁବନେଶ୍ୱର ବିଜୁ ପଟ୍ଟନାୟକ ପୋଲିସ ଏକାଡେମୀକୁ ବଦଳି କରାଯାଇଛି। ସେହିପରି ଜିଲାରେ କାର୍ଯ୍ୟରତ ୭ ଜଣ ସବ୍‌ଇନ୍ସପେକ୍ଟରଙ୍କୁ ଇନ୍ସପେକ୍ଟର ଭାବେ ପଦୋନ୍ନତି ଦିଆଯାଇଛି। ସେମାନଙ୍କ ମଧ୍ୟରୁ ସ୍ମିତାଞ୍ଜଳି ପ୍ରଧାନ, ବିକ୍ରମ ବିହାରୀ ଜୟପୁରିଆ, ବିଜୟ କୁମାର ସ୍ୱାଇଁ, ଦିଲୀପ କୁମାର ଲାକ୍ରାଙ୍କୁ ଅନୁଗୋଳରେ ଅବସ୍ଥାପିତ କରାଯାଇଥିବା ବେଳେ ଅନୁଗୋଳ ଥାନାରେ କାର୍ଯ୍ୟରତ ପ୍ରକାଶ କୁମାର ମାଝିଙ୍କୁ କମିଶନରେଟ୍ ପୋଲିସକୁ ବଦଳି କରାଯାଇଛି। ସେହିପରି ରୀତାରାଣୀ ପ୍ରଧାନଙ୍କ କଳାହାଣ୍ଡି ଓ କଳ୍ପନା ବେହେରାଙ୍କ ଢେଙ୍କାନାଳ ଜିଲାକୁ ବଦଳି ହୋଇଛି। ପ୍ରକାଶ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ମାମଲାରେ ସଫଳତା ପାଇଥିବାରୁ ତାଙ୍କୁ କମିଶନରେଟ୍ ପୋଲିସକୁ ନିଆଯାଇଥିବା ଚର୍ଚ୍ଚା ହେଉଛି। ପୂର୍ବରୁ ତାଙ୍କୁ ଡିଜିପି ଡିସ୍କ ମଧ୍ୟ ପ୍ରଦାନ କରାଯାଇଛି।

## ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ



ବୈଠକରେ ଉପସ୍ଥିତ ଲୋକପ୍ରତିନିଧି ଓ ମନ୍ଦିର ପରିଚାଳନା କମିଟି ଏବଂ ଗ୍ରାମବାସୀ।

**କଣିହାଁ,୭।୬(ଡି.ଏନ.ଏ)**

କଣିହାଁ ବ୍ଲକ ସମଲ ବ୍ୟାରେଜ ପଞ୍ଚାୟତ ଅଞ୍ଚଳରେ ଶନିବାର ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରଥଯାତ୍ରାକୁ କିପରି ଧୁମଧାମରେ ପାଳନ କରାଯିବ ସେ ନେଇ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ସରପଞ୍ଚ ଜିତେନ୍ଦ୍ର ବେହେରା, ମନ୍ଦିର ପରିଚାଳନା କମିଟି ସଦସ୍ୟ ଦୁଷମଣି ପ୍ରଧାନ, ବୁଦ୍ଧିମନ୍ତ ସାହୁଙ୍କ ସମେତ ଅଞ୍ଚଳବାସୀ ଯୋଗ ଦେଇଥିଲେ।

## ଅଧିକରୁ ଅଧିକ ଗଛ ଲଗାଇବାକୁ ଆହ୍ୱାନ

**ଅନୁଗୋଳ ଅଫିସ, ୭।୬**

ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ଅନୁଗୋଳସ୍ଥିତ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କମ୍ପାନୀ କର୍ମଚାରୀ, ସ୍କୁଲ ଛାତ୍ରୀଛାତ୍ର ଏବଂ ପାର୍ଶ୍ୱବର୍ତ୍ତୀ ଗ୍ରାମର ଲୋକମାନେ ଅଂଶଗ୍ରହଣ କରିବା ସହିତ ପରିବେଶର ସୁରକ୍ଷା ପାଇଁ ସଚେତନଧର୍ମୀ ଗଣଦୌଡ଼ରେ ଭାଗ ନେଇଥିଲେ। କମ୍ପାନୀ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଅପରେଶନ) ସବ୍ୟସାଚୀ ବନ୍ଦୋପାଧ୍ୟାୟ ଏବଂ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ର-ମେଟେରିଆଲ) ଦାମୋଦର ମିତ୍ତଲ ପତାକା ଦେଖାଇ ଏହି ଗଣଦୌଡ଼ର ଶୁଭାରମ୍ଭ କରିଥିଲେ। ଏହି ଅବସରରେ





ପରିବେଶ ଦିବସ ପାଳନ ଅବସରରେ ଜେଏସ୍‌ପିର ଅଧିକାରୀ, କର୍ମଚାରୀ ଓ ଅନ୍ୟମାନେ।

କମ୍ପାନୀ କର୍ମଚାରୀ ଏବଂ ପାର୍ଶ୍ୱବର୍ତ୍ତୀ ଗ୍ରାମର ଗ୍ରାମବାସୀ ପ୍ଲାଣ୍ଟ ପରିସରରେ ୫ଶହରୁ ଅଧିକ ଗଛ ଲଗାଇଥିଲେ। ଘରୁ ବାହାରୁଥିବା ଆବର୍ଜନାକୁ ପୃଥକୀକରଣ ପରେ ବୈଜ୍ଞାନିକ ପଦ୍ଧତିରେ ପୁନଃ ବ୍ୟବହାରଯୋଗ୍ୟ କରି ସମାଜ ଉପକାରରେ ଲଗାଇବାକୁ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବନ୍ଦୋପାଧ୍ୟାୟ ଆହ୍ୱାନ ଦେଇଥିଲେ। ସେହିପରି ନିଜ ପରିବେଶକୁ ସ୍ୱଚ୍ଛ, ନିର୍ମଳ ଓ ପ୍ରଦୂଷଣମୁକ୍ତ କରିବା ପାଇଁ ଅଧିକରୁ ଅଧିକ ଗଛ ଲଗାଇବାକୁ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ମିତ୍ତଲ ନିବେଦନ କରିଥିଲେ। ପରେ ପରିବେଶ ଉପରେ ଏକ ଜଣାଅଜଣା ପ୍ରତିଯୋଗିତା କରାଯାଇ ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହିତ ଜେଏସ୍‌ପିଏଲ୍ ଫାଉଣ୍ଡେଶନ ସହଯୋଗରେ ବଡ଼କେରଜଙ୍ଗ, ସାନକେରଜଙ୍ଗ, ଜରଡ଼ା, ମହିତଳା ଓ ଜିନ୍ଦଲନଗର ଅଞ୍ଚଳର ବହୁ ଛାତ୍ରୀଛାତ୍ରଙ୍କୁ ନେଇ ଏକ ପେଣ୍ଟିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କର୍ମଚାରୀଙ୍କ ନିମନ୍ତେ ଅନ୍‌ଲାଇନ୍ କ୍ୱିଜ ଏବଂ ମହିଳାମାନଙ୍କ ମଧ୍ୟରେ ପ୍ରବନ୍ଧ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା କରାଯାଇ ପୁରସ୍କାର ପ୍ରଦାନ କରାଯାଇଥିଲା। କମ୍ପାନୀ ପରିବେଶ ବିଭାଗ ମୁଖ୍ୟ ଆଲୋକ ସାହୁ, ସିଇଓ ଡି.କେ. ସରାଓଗୀ, ନିର୍ବାହୀ ନିର୍ଦ୍ଦେଶ (ପ୍ଲାଣ୍ଟ ହେଡ୍) ହୃଦୟେଶ୍ୱର ଝାଙ୍କ ସମେତ ଅନ୍ୟ ସମସ୍ତଙ୍କୁ ସହଯୋଗ ନିମନ୍ତେ ଧନ୍ୟବାଦ ଅର୍ପଣ କରିଥିଲେ।

## ୪୨ ୟୁନିଟ୍ ରକ୍ତ ସଂଗ୍ରହ

**ଅନୁଗୋଳ ଅଫିସ,୭।୬**

ସାମାଜିକ କର୍ମୀ ସ୍ୱର୍ଗତ ମହମ୍ମଦ ମୋତିଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଓଡ଼ିଶା ମୋ ପରିବାର ଜୀବନ ବିନ୍ଦୁ ଅନୁଗୋଳ ନିର୍ବାଚନମଣ୍ଡଳୀ ଆନୁକୂଲ୍ୟରେ ଅନୁଗୋଳ ପୌରପାଳିକାର ହେମସରପଡ଼ାସ୍ଥିତ ମା'ମଙ୍ଗଳା ସାହିଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ଓଡ଼ିଶା ମୋ ପରିବାର ସହ ସଂଯୋଜକ ପ୍ରିୟଦର୍ଶୀ ପଟ୍ଟନାୟକ, ଯୁବ ବିଜେଡି ନେତା ଅରୁଣାଭ ସିଂହ, ଅନୁଗୋଳ ପୌରପାଳିକା ବିଜୁ ଜନତା ଦଳ ସଭାପତି ବୃନ୍ଦାବନ ସ୍ୱାଇଁ, ୩ ନମ୍ବର ୱାର୍ଡ କାଉସିଲର ମଞ୍ଜୁଲତା ଦେହୁରୀ, ଅନୁଗୋଳ ନଗର ବିଜୁ ଯୁବ ଜନତା ଦଳ ସଭାପତି ବିଶ୍ୱରଞ୍ଜନ ସାହୁ, ତପନ ତ୍ରିପାଠୀ, ଅଜିତ ଦ୍ୱିବେଦୀ, ବୁଢ଼ା ଦେହୁରୀ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ଉକ୍ତ ଶିବିରରେ ୪୨ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା।



ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

## ମହିତଳାରେ ଔଷଧୀୟ ଚାରା ବଣ୍ଟନ

**ଅନୁଗୋଳ ଅଫିସ,୭।୬**

ଅନୁଗୋଳ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଛେଣ୍ଡିପଦା ବ୍ଲକ ମହିତଳା ଗ୍ରାମରେ ଗତ ରବିବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ବନବିଜ୍ଞାନୀ ଜ୍ଞାନରଞ୍ଜନ ସାହୁ ଯୋଗଦେଇ ପରିବେଶ ପ୍ରଦୂଷଣ, ଜଳବାୟୁ ଜନିତ ସମସ୍ୟା ଏବଂ ପରିବେଶ ସୁରକ୍ଷା ସମ୍ବନ୍ଧୀୟ ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ। ଏଥିରେ ଗ୍ରାମର ୫୦ ଜନସାଧାରଣ ଯୋଗ ଦେଇଥିଲେ।



ପରିବେଶ ଦିବସରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ସେମାନଙ୍କୁ ବିଭିନ୍ନ ଔଷଧୀୟ ଚାରା ଯଥା ହରିଡ଼ା, ଅଁଳା, ବାହାଡା ବଣ୍ଟନ କରାଯାଇଥିଲା। କୃଷି ବିଜ୍ଞାନ କେନ୍ଦ୍ରର ପ୍ରାଣୀ ବିଜ୍ଞାନୀ ଡ. ମୋନାଲିସା ବେହେରା, କାର୍ଯ୍ୟକ୍ରମ ସହାୟିକା ରଶ୍ମିପ୍ରଭା ମିଶ୍ର ପରିଚାଳନା କରିଥିଲେ।

## ପରିବେଶର ଶୋଷଣ ଦୁର୍ଦ୍ଦିନ ଟାଣିଆଣିବ

**ଅନୁଗୋଳ ଅଫିସ, ୭।୬**

ନିଜ ସୁଖ, ସୁବିଧା ଓ ସ୍ୱାର୍ଥ ପାଇଁ ମାନବ ସମାଜ ପରିବେଶକୁ ଶୋଷଣ କରି ଭବିଷ୍ୟତରେ ସମଗ୍ର ଜୀବଜଗତ ପାଇଁ ଦୁର୍ଦ୍ଦିନ ଟାଣି ଆଣୁଛି। ତେଣୁ ଏ ଦିଗରେ ବ୍ୟାପକ ସଚେତନ ହେବାର ସମୟ ଆସିଛି। ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ଅନୁଗୋଳ ବ୍ଲକ ଚମ୍ପତିମୁଣ୍ଡାସ୍ଥିତ ନବ-ମାଳତୀ ସ୍ମୃତି ଭବନ ପରିସରରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଏହି ମତପ୍ରକାଶ ପାଇଛି। ସାଥୀ ପରିବାର ଓ ନିୟୁଜ ଅନୁଷ୍ଠାନର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ବଡକେରା ଜୈବ ବିବିଧତା ପରିଚାଳନା ସମିତିର ଅଧ୍ୟକ୍ଷ ମୁରଲୀଧର ବେହେରା, ସାଥୀ ପରିବାର ଅନୁଷ୍ଠାନର ଉପସଭାପତି ଶୁଭେନ୍ଦୁ ସାହୁ, ନିୟୁଜ ସଂଯୋଜକ ସୁବ୍ରତ କୁମାର ପ୍ରଧାନ, ପ୍ରିୟବ୍ରତ ବେହେରା ଏବଂ ବନ ସହାୟକ ବନମାଳୀ ନାଏକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ କହିଥିଲେ, ଗ୍ରାମାଞ୍ଚଳର ଛୋଟ ଛୋଟ ଜଳଉତ୍ସ, ପାହାଡ଼, ଗ୍ରାମ୍ୟ ଜଙ୍ଗଲ, ଚାରଣ ଭୂମି ଆଦି ପ୍ରାକୃତିକ ସମ୍ପଦ ପରିବେଶ ସନ୍ତୁଳନରେ ସହାୟକ ହେବା ସହ ଲୋକଙ୍କ ଜୀବନଜୀବିକାର ଉନ୍ନତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। କିନ୍ତୁ ଆଧୁନିକତାର ବହୁଳ ପ୍ରସାର ଓ ମନୁଷ୍ୟର ଅଦୂରଦର୍ଶୀ କାର୍ଯ୍ୟଦ୍ୱାରା ଧୀରେ ଧୀରେ ଜଳାଶୟଗୁଡ଼ିକ ପ୍ରଦୂଷିତ ଓ ପୋତି ହୋଇଯାଉଛି। ଏସବୁ ପ୍ରାକୃତିକ ସମ୍ପଦର ସଂରକ୍ଷଣ ଓ ଠିକ୍ ପରିଚାଳନା ଦ୍ୱାରା ହିଁ ପରିବେଶ ସୁରକ୍ଷା ଏବଂ ସଂରକ୍ଷଣ ହୋଇପାରିବ। ପ୍ରକୃତିପ୍ରେମୀ ଅରୁଣ ନାଏକ, ପିଣ୍ଟୁ ବେହେରା ଓ ସୁମନ ରାୟ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।





ସାଥୀ ପରିବାର ପକ୍ଷରୁ ପରିବେଶ ଦିବସ ପାଳନ କରାଯାଉଛି।

## ବିରୋଧ ସତ୍ତ୍ୱେ ଦିଘି ଗ୍ରାମରେ ଉଚ୍ଛେଦ

**ତାଳଚେର,୭।୬(ନି.ପ୍ର.)**

ତାଳଚେର ବ୍ଲକ ଦିଘି ଗ୍ରାମଦେଇ ଫ୍ଲାଏ ଓଭର ବ୍ରିଜ ଯିବାକୁ ଥିବାରୁ ମଙ୍ଗଳବାର ସେଠାରେ ଉଚ୍ଛେଦ କାର୍ଯ୍ୟ କରାଯାଇଛି। ସକାଳେ ତାଳଚେର ପ୍ରଶାସନ ଗ୍ରାମରେ ପହଞ୍ଚିବା ପରେ ଗ୍ରାମବାସୀଙ୍କ ଉଚ୍ଛେଦ ନ କରିବାକୁ ଅନୁରୋଧ କରିଥିଲେ। କିନ୍ତୁ ପ୍ରଶାସନ ପୋଲିସ ବାହିନୀ ଉପସ୍ଥିତିରେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରିବାରୁ ଏହାକୁ ଗ୍ରାମବାସୀ ତୀବ୍ର ବିରୋଧ କରିଥିଲେ। ଫଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ୧୪ ଗ୍ରାମବାସୀଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଥିଲା। ଏହି ଉଚ୍ଛେଦ ପ୍ରକ୍ରିୟା ସମୟରେ ତାଳଚେର ଏସ୍‌ଡିପିଓ ଏସ. ସ୍ୱାତୀ କୁମାରୀ, ଉପଜିଲାପାଳ ବିଶ୍ୱରଞ୍ଜନ ରଥ, ତହସିଲଦାର ମନ୍ମଥ ନାୟକ, ବିଭିନ୍ନ ଥାନାର ଅଧିକାରୀ ଓ ବ୍ୟାପକ ପୋଲିସ ଫୋର୍ସ ଉପସ୍ଥିତ ଥିଲେ।



ଉଚ୍ଛେଦ କାର୍ଯ୍ୟ ବେଳେ ପୋଲିସ ଓ ଗ୍ରାମବାସୀ।

ପ୍ରକାଶ ଯେ, ରାଜ୍ୟ ସରକାର ଓ ପୂର୍ବତଟ ରେଲୱେର ମିଳିତ ସହଯୋଗରେ ତାଳଚେର ଥର୍ମାଲ ନିକଟ ତଥା ଦିଘି ଗ୍ରାମ ନେଇ ଫ୍ଲାଏ ଓଭର ବ୍ରିଜ ନିର୍ମାଣ କରାଯାଉଛି। ଏହି ପ୍ରସଙ୍ଗରେ ଗ୍ରାମବାସୀଙ୍କ ସହ ପ୍ରଶାସନର ବହୁବାର ଆଲୋଚନା ହୋଇସାରିଛି। ତେବେ ସରକାରୀ ନିୟମ ଅନୁଯାୟୀ କ୍ଷତିଗ୍ରସ୍ତ ଗ୍ରାମବାସୀଙ୍କୁ ବଜାର ମୂଲ୍ୟର ୪ ଗୁଣା ଅନୁସାରେ କ୍ଷତିପୂରଣ ପ୍ରଦାନ, ନିଯୁକ୍ତି ଓ ଥଇଥାନ କରିବାକୁ ଗ୍ରାମବାସୀ ଅଡ଼ି ବସିଥିଲେ। ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କ କାର୍ଯ୍ୟାଳୟ ତରଫରୁ ଅନୁଗୋଳ ଜିଲାପାଳଙ୍କୁ ଗତ ୪ ଏପ୍ରିଲରେ ଏକ ପତ୍ର ଲେଖାଯାଇ ଗ୍ରାମବାସୀଙ୍କ ଦାବି ଉପରେ ଧ୍ୟାନ ଦେବାକୁ କୁହାଯାଇଥିଲା। ଏହାସତ୍ତ୍ୱେ ପୂର୍ବ ସୂଚନା ନ ଦେଇ ଗ୍ରାମବାସୀଙ୍କୁ ଉକ୍ତ ସ୍ଥାନରୁ ଉଚ୍ଛେଦ କରାଯାଉଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଉପଜିଲାପାଳ କହିଛନ୍ତି, ଏହା କୌଣସି ଉଚ୍ଛେଦ ପ୍ରକ୍ରିୟା ନୁହେଁ। ୨୦୧୫ରୁ ଏଥିପାଇଁ ଜମି ଅଧିଗ୍ରହଣ ହୋଇସାରିଛି। ୧୦ କ୍ଷତିଗ୍ରସ୍ତ ପରିବାର ମଧ୍ୟରୁ ୬ ପରିବାର ଟଙ୍କା ନେଇ ସାରିଥିବାବେଳେ ୪ ପରିବାର ଟଙ୍କା ନେଉନାହାନ୍ତି। ସେମାନଙ୍କ ଟଙ୍କା ବ୍ୟାଙ୍କରେ ଜମା ରହିଛି। ଗ୍ରାମବାସୀ ଅଧିକ କ୍ଷତିପୂରଣ ଦାବି କରିଥିଲେ। ପୋଲିସ ୧୪ ଜଣଙ୍କୁ ଅଟକ ରଖିଥିଲା। କୋର୍ଟ ନିର୍ଦ୍ଦେଶ ଦେଲେ ଅଧିକ କ୍ଷତିପୂରଣ ଦିଆଯିବାରେ ଅସୁବିଧା ନାହିଁ ବୋଲି ଉପଜିଲାପାଳ ରଥ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ୮ ଶିଶୁ ଶ୍ରମିକ ଉଦ୍ଧାର

**ଢେଙ୍କାନାଳ ଅଫିସ,୭।୬:** ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଅଞ୍ଚଳରୁ ମଙ୍ଗଳବାର ୮ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ଉଦ୍ଧାର ପରେ ସେମାନଙ୍କୁ ଶିଶୁ କଲ୍ୟାଣ କମିଟି ନିକଟରେ ହାଜର କରାଯାଇଛି। ଜିଲାରେ ଶିଶୁ ଶ୍ରମିକ ନିରାକରଣ ଅଭିଯାନ ଓ ସଚେତନତା କାର୍ଯ୍ୟ ଚାଲିଥିବା ବେଳେ ସ୍ୱତନ୍ତ୍ର ଚଢାଉ କାର୍ଯ୍ୟକ୍ରମରେ ବର୍ତ୍ତମାନ ସୁଦ୍ଧା ୧୬ରୁ ଊର୍ଦ୍ଧ୍ୱ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ଜିଲା ଶ୍ରମ ଅଧିକାରୀ ସତ୍ୟ ନାରାୟଣ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଶିଶୁ ସୁରକ୍ଷା, ଚାଇଲ୍ଡ ଲାଇନ, ଶ୍ରମ ବିଭାଗ ଓ ପୋଲିସ ବିଭାଗର ମିଳିତ ସହାୟତାରେ ଏହି ଚଢାଉ କରାଯାଇଛି। ଏଥିସହିତ ବିଭିନ୍ନ ଅଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି ବୋଲି ଜିଲା ଶ୍ରମ ଅଧିକାରୀ ସୂଚନା ଦେଇଛନ୍ତି।

### ମହିଳାଙ୍କ ଭୂମିକା ଉପରେ ଆଲୋକପାତ

**ପରଜଙ୍ଗ,୭।୬(ଡି.ଏନ.ଏ):** ପରଜଙ୍ଗ ବ୍ଲକ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ସୋମବାର ସ୍ଥାନୀୟ ପାଣିପଞ୍ଚାୟତ ସଭାଗୃହରେ କେନ୍ଦ୍ର ସରକାରଙ୍କ ଦ୍ୱିତୀୟ ପାଳିର ତୃତୀୟ ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ ମହିଳା ଏସ୍‌ଏଚ୍‌ଜି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ଶର୍ମିଷ୍ଠା ଦଳବେହେରା, ଉପାଧକ୍ଷା ଯଶସ୍ୱିନୀ ରାଉତଙ୍କ ଆହ୍ୱାନକ୍ରମେ ଏହି ସଭାର ଆୟୋଜନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ବିଭୂତି ଭୂଷଣ ପ୍ରଧାନ ଯୋଗଦେଇ ମହିଳାମାନଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଢେଙ୍କାନାଳ ଭାଜପା ମହିଳା ମୋର୍ଚ୍ଚା ସମ୍ପାଦିକା ଦମୟନ୍ତୀ ପାଣି ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବ୍ଲକ ଅଧକ୍ଷ ଅନ୍ତର୍ଯାମୀ ସାହୁ, ରାଜ୍ୟ ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ଦୀପକ କୁମାର ଗୋଚ୍ଛାୟତ, ଲକ୍ଷ୍ମୀଧର ସାହୁ, ପ୍ରଶାନ୍ତ ଦଳବେହେରା, ସନ୍ତୋଷ କୁମାର ରାଉତ, ବିଭୂତି ଭୂଷଣ ସାମଲ, ମନୋଜ ଦଳବେହେରା, ବିଦ୍ୟାଧର ରାଉତ ଓ ପ୍ରତି ପଞ୍ଚାୟତର ମହିଳାମାନେ ଉପସ୍ଥିତ ଥିଲେ।

### ପ୍ରଧାନ ଶିକ୍ଷକଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର

**ସାତମାଇଲ,୭।୬(ଡି.ଏନ.ଏ):** ପ୍ରକୃତି ସଂରକ୍ଷଣ ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ହିନ୍ଦୋଳ ଉପଖଣ୍ଡ ପାଟଲା ପଞ୍ଚାୟତ ବାଙ୍କିଡି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଭିରାମ ସାହୁଙ୍କୁ ପ୍ରକୃତି



ବନ୍ଧୁ ପୁରସ୍କାର ପ୍ରଦାନ କରାଯାଇଛି। ଓଡ଼ିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ଢେଙ୍କାନାଳ ଜିଲାପାଳ ସରୋଜ କୁମାର ସେଠୀ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୋନା ଶର୍ମାଙ୍କ ଦସ୍ତଖତ ସମ୍ବଳିତ ମାନପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ଆଇନ ପ୍ରାଧିକରଣ ସଚିବ ଢେଙ୍କାନାଳ ସୁକାନ୍ତ କୁମାର ଜେନା ଅର୍ଥରାଶି ସହ ମାନପତ୍ର ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ସହକାରୀ ବନ ସଂରକ୍ଷକ ସୁବ୍ରତ ପାତ୍ର, ଦେବରାଜ ରାଉତ, ସହକାରୀ ଶିକ୍ଷକ ବିବି ହାଇସ୍କୁଲ ଢେଙ୍କାନାଳ, କପିଳାସ ରେଞ୍ଜ ଅଫିସର ତରୁଣ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# କୋଭିଡ୍ ନିୟମ କଡ଼ାକଡ଼ି ପାଳନ ହେବ

- ଉନ୍ନୟନ କାର୍ଯ୍ୟ ସହ କୋଭିଡ୍ ପରିଚାଳନା ସମୀକ୍ଷା
- କୃଷି ଓ ମାଛ ଚାଷ ପାଇଁ ଋଣ ମିଳୁ ନ ଥିବାରୁ ଅସନ୍ତୋଷ

**ଢେଙ୍କାନାଳ ଅଫିସ,୭।୬**

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ଓସ୍ୱାନ ଭିଡିଓ କନଫରେନ୍ସିଂ ହଲ୍‌ଠାରେ ମଙ୍ଗଳବାର ଜିଲାର ଉନ୍ନୟନମୂଳକ କାର୍ଯ୍ୟ ଓ କୋଭିଡ୍ ପରିଚାଳନା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନ୍ୟ ରାଜ୍ୟରେ କୋଭିଡ୍ ସଂକ୍ରମଣ ବଢୁଥିବା ଦୃଷ୍ଟିରୁ କୋଭିଡ୍ ନିୟମକୁ ଜିଲାରେ କଡାକଡି ଭାବେ ପାଳନ କରାଯିବ ବୋଲି ବୈଠକରେ ଜିଲାପାଳ ସରୋଜ କୁମାର ସେଠୀ ଗୁରୁତ୍ୱ ପ୍ରଦାନ କରିଛନ୍ତି। ଦେଶରେ ପୁଣିଥରେ କରୋନା ସଂକ୍ରମଣ ବଢୁଥିବାରୁ ୧୨ରୁ ୧୭ବର୍ଷ ପିଲାଙ୍କୁ ଟିକାକରଣରେ ଅଗ୍ରାଧିକାର ଦେବା ଓ ସ୍ୱାସ୍ଥ୍ୟକେନ୍ଦ୍ରରେ ଟେଷ୍ଟିଂ ବଢାଇବା ଏବଂ କଟକଣା ପାଳନ ନିମନ୍ତେ ପରାମର୍ଶ ଦିଆଯାଇଥିଲା। ସେହିପରି ଜାତୀୟକରଣ ବ୍ୟାଙ୍କଗୁଡିକ ଜନସାଧାରଣଙ୍କୁ କୃଷି, ମାଛ ଓ କୁକୁଡା ଚାଷ ଆଦି ପାଇଁ ଋଣ ପ୍ରଦାନ କରୁ ନ ଥିବାରୁ ଜିଲାପାଳ ଅସନ୍ତୋଷ ପ୍ରକାଶ କରିଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ୬-ଟିକୁ ପ୍ରାଧାନ୍ୟ ଦେଇ ଜିଲା ଅଧିକାରୀମାନେ ଜିଲାର ସମସ୍ତ ଅଞ୍ଚଳ ଗସ୍ତ କରିବା ପାଇଁ ଗୁରୁତ୍ୱ ପ୍ରଦାନ କରିଥିଲେ। ଅମୃତ ସରୋବର କାର୍ଯ୍ୟ ଅଗଷ୍ଟ ୧୫ ତାରିଖ



ଉନ୍ନୟନମୂଳକ କାର୍ଯ୍ୟ ଓ କୋଭିଡ ପରିଚାଳନା ସମୀକ୍ଷା ବୈଠକରେ ଅଧିକାରୀମାନେ।

ମଧ୍ୟରେ ସମ୍ପୂର୍ଣ୍ଣ କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ବେ-ବନ୍ଦୋବସ୍ତ, କଲେଜଗୁଡିକୁ ଜମିପଟ୍ଟା ବଣ୍ଟନ, ଜମିଜମା ସମ୍ବନ୍ଧୀୟ ମକଦ୍ଦମାଗୁଡିକୁ ଶୀଘ୍ର ଫଏସଲା କରିବା ପାଇଁ ଉପଜିଲାପାଳ ଓ ତହସିଲଦାରମାନଙ୍କୁ ପରାମର୍ଶ ଦିଆଯାଇଥିଲା। ଜିଲାରେ ୫-ଟି ଅଧୀନରେ ରୂପାନ୍ତରିତ ବିଦ୍ୟାଳୟର ବାକି ରହିଥିବା ସମସ୍ତ କାର୍ଯ୍ୟ ଯଥାଶୀଘ୍ର ଶେଷ କରିବାକୁ ଜିଲାପାଳ କହିଥିଲେ। ସମସ୍ତ ଯୋଗ୍ୟ ହିତାଧିକାରୀ ଓ ସ୍ୱାମୀହରା ମହିଳାଙ୍କୁ ଯଥାଶୀଘ୍ର ଭତ୍ତା ପ୍ରଦାନ କରିବାକୁ ଜିଲାପାଳ କହିଥିଲେ। ଆସନ୍ତା ୧୦ ଓ ୧୧ ତାରିଖରେ ସଦର ବ୍ଲକ ସଦେଇବେରେଣୀଠାରେ ହେବାକୁଥିବା ସପ୍ତଶଯ୍ୟା ହସ୍ତଶିଳ୍ପ ମହୋତ୍ସବରେ ଏକ ମଶାଲ ଶୋଭାଯାତ୍ରା ୧୦ ତାରିଖ ସକାଳ ୮ଟାରେ ସପ୍ତଶଯ୍ୟା ପୀଠରୁ ବାହାରି ସଦେଇବେରେଣୀଠାରେ ପହଞ୍ଚିବ। ମହୋତ୍ସବରେ ମିଶନ ଶକ୍ତି, ଡୋକ୍ରା ଓ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଷ୍ଟଲଗୁଡିକୁ ପ୍ରାଧାନ୍ୟ ଦେବା ସହିତ ସମ୍ମାନିତ କରିବା ପାଇଁ ପ୍ରତି ବ୍ଲକରୁ ୨ଜଣଙ୍କ ନାମ ମହୋତ୍ସବ କମିଟିକୁ ପଠାଇବା ପାଇଁ ବିଡିଓମାନଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଉଦୟ କୁମାର ମହାପାତ୍ର, ଅତିରିକ୍ତ ଜିଲାପାଳ(ସାଧାରଣ) ରମେଶ ଚନ୍ଦ୍ର ସେଠୀ, ପିଡି ଡିଆରଡିଏ ସାଫଲ୍ୟ ମଣ୍ଡିତ ପ୍ରଧାନ, ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ତହସିଲଦାର ଅନୁପମା ମୁର୍ମୁ, ପୌର ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ, ଜିଲା ଶିକ୍ଷା ଅଧିକାରୀ ନିବେଦିତା ପାଣି, ଆପାତକାଳୀନ ଅଧିକାରୀ ସ୍ନିଗ୍ଧାଛାୟା ମହାପାତ୍ର, ଜିଲା ସ୍ୱାସ୍ଥ୍ୟ ମିଶନ ପରିଚାଳିକା ସୋନାଲି ପ୍ରିୟଦର୍ଶିନୀ, ସମାଜ ମଙ୍ଗଳ ଅଧିକାରୀ ସୌଦାମିନୀ ସାହୁ, ସାମାଜିକ ସୁରକ୍ଷା ଅଧିକାରୀ ଶୁଭେନ୍ଦୁ କୁମାର ଖୁଣ୍ଟିଆ, ଜିଲା ସଂସ୍କୃତି ଅଧିକାରୀ ପ୍ରିୟମ୍ବଦା ବେହେରା ପ୍ରମୁଖ ଯୋଗ ଦେଇଥିଲେ।

# ଦେଓଗାଁ ରଥ ନିର୍ମାଣର ସମୀକ୍ଷା



ଦେଓଗାଁ ରଥ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି।

**ଢେଙ୍କାନାଳ ଅଫିସ,୭।୬**

ଢେଙ୍କାନାଳ ଜିଲାପାଳଙ୍କ ଦ୍ୱାରା ରଥ ନିର୍ମାଣ ଓ ଯାତ୍ରାର ସୁପରିଚାଳନା ପାଇଁ ଏକ କମିଟି ଗଠିତ ହୋଇଛି। ଏହି କମିଟି ସୋମବାର ଅପରାହ୍ଣରେ ଗଁଦିଆ ବ୍ଲକ ଦେଓଗାଁରେ ଅନୁଷ୍ଠିତ ବହୁ ପ୍ରାଚୀନ ରଥଯାତ୍ରା ପାଇଁ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲା। ଏଠାରେ ନିର୍ମାଣ ହେଉଥିବା ରଥର ଉଚ୍ଚତା ୨୭ହାତ ୭ ଆଙ୍ଗୁଳି ହୋଇଥିବା ବେଳେ ୧୪ ଚକ ରହିଛି। ଦେଓଗାଁରେ କେବଳ ମହାପ୍ରଭୁ ଜଗନ୍ନାଥ ଓ ବଳଭଦ୍ର ରଥରେ ବିଜେ କରନ୍ତି। ଚଳିତବର୍ଷ ବର୍ଷାପାଣି ଯୋଗୁ ରଥଦାଣ୍ଡ ରାସ୍ତା ବିପର୍ଯ୍ୟସ୍ତ ହୋଇପଡିଛି। ଏହାକୁ ତୁରନ୍ତ ମରାମତି କରାଯିବା ପାଇଁ କମିଟି ପକ୍ଷରୁ ଦୃଷ୍ଟି ଆକର୍ଷଣ କରାଯାଇଛି। ପ୍ରାୟ ୫୦୦ ମିଟର ଏହି ରାସ୍ତାକୁ ଗୁଣ୍ଡିଚାଘର ଯାଏ ପକ୍କା କରିବା ପାଇଁ ଦାବି ହୋଇଛି। ଏହି କମିଟିରେ ଜିଲା ନିର୍ବାଚନ ଅଧିକାରୀ ଭଜନାନନ୍ଦ ସାହୁ, ଦେବୋତ୍ତର ପରାମର୍ଶଦାତା କମିଟି ସଭ୍ୟ ସନ୍ତୋଷ ତ୍ରିପାଠୀ, ଜିଲା ଜଗନ୍ନାଥ ଚେତନା ସମିତି ସଭାପତି ପ୍ରଦ୍ୟୁମ୍ନ ରଥ, ମିଳିତବଜାର ପୂଜା କମିଟି ସଭାପତି ବିଶ୍ୱନାଥ ବେହେରା, ଦେବୋତ୍ତର ନିରୀକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀ ପ୍ରମୁଖ ରହିଛନ୍ତି।

# ଏସ୍‌ପି ଓ ସଦର ଥାନା ଅଧିକାରୀଙ୍କ ନାମରେ ମାମଲା

**ମହିଳାଙ୍କୁ ଧମକ ଘଟଣାରେ କାର୍ଯ୍ୟାନୁଷ୍ଠାନ ନ ହେବା ଅଭିଯୋଗ**

**ଢେଙ୍କାନାଳ ଅଫିସ,୭।୬**

ଏକ ବଳାତ୍କାର ମାମଲାର ଅଭିଯୁକ୍ତଙ୍କଠାରୁ ହତ୍ୟା ଧମକ ପାଇଥିବା ଜଣେ ମହିଳାଙ୍କ ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ନେଇ ନ ଥିବାରୁ ଢେଙ୍କାନାଳ ଏସ୍‌ପି ଓ ସଦର ଥାନା ଅଧିକାରୀଙ୍କ ବିରୋଧରେ ସମ୍ପୃକ୍ତ ମହିଳା ଢେଙ୍କାନାଳ ଏସ୍‌ଡିଜେଏମ୍‌ଙ୍କ ଅଦାଲତର ଦ୍ୱାରସ୍ଥ ହୋଇଛନ୍ତି। ଏ ସଂକ୍ରାନ୍ତରେ ଅଦାଲତରେ ୧ ସିସି ନଂ- ୬୪।୨୨ରେ ଏକ ମାମଲା ରୁଜୁ ହୋଇଛି।

ସମ୍ପୃକ୍ତା ମହିଳାଙ୍କ ଓକିଲଙ୍କ ସୂଚନା ଅନୁଯାୟୀ, ଢେଙ୍କାନାଳ ସଦର ଥାନା ଅଞ୍ଚଳରେ ଘଟିଥିବା ଏକ ବଳାତ୍କାର ଘଟଣାର ଅଭିଯୁକ୍ତ ଧର୍ମାନନ୍ଦ ବେହେରା ଜାମିନରେ ଆସିବା ପରେ ସାକ୍ଷୀ ଥିବା ମହିଳାଙ୍କୁ ଗତ ୮ ଏପ୍ରିଲ ୨୦୨୨ ସକାଳେ ହତ୍ୟା ଧମକ ଦେଇଥିଲେ। ଏ ନେଇ ସମ୍ପୃକ୍ତା ମହିଳା ସଦର ଥାନାକୁ ଅଭିଯୋଗ କରିବାକୁ ଯାଇଥିଲେ। କିନ୍ତୁ ପୋଲିସ ତାଙ୍କ ଅଭିଯୋଗ ରଖି ନ ଥିଲା। ଏହାପରେ ସେ ରେଜିଷ୍ଟ୍ରି ପୋଷ୍ଟରେ ସଦର ଥାନା ଅଧିକାରୀ ଓ ଏସ୍‌ପିଙ୍କ ନିକଟକୁ ଅଭିଯୋଗ ପଠାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିବେଦନ କରିଥିଲେ। ରେଜିଷ୍ଟ୍ରି ପୋଷ୍ଟରେ ଯାଇଥିବା ଅଭିଯୋଗକୁ ଏସ୍‌ପି ୧୧ ଏପ୍ରିଲ ୨୦୨୨ ଓ ସଦର ଥାନା ଅଧିକାରୀ ୧୨ ଏପ୍ରିଲ ୨୦୨୨ରେ ପାଇଥିଲେ। କିନ୍ତୁ ଘଟଣାକୁ ମାସେ ବିତିଯାଇଥିଲେ ମଧ୍ୟ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ନ୍ୟାୟ ପାଇଁ ମହିଳା ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ଏ ସଂକ୍ରାନ୍ତରେ ସଦର ଥାନା ଅଧିକାରୀ ଅଭିନବ ଡାଲୁଆ କହିଛନ୍ତି, ରେଜିଷ୍ଟ୍ରି ପୋଷ୍ଟରେ ଅଭିଯୋଗ ପାଇବା ପରେ ତଦନ୍ତ କରି ଜୁନ ୫ ତାରିଖରେ ନଂ.୨୬୧।୨୨ରେ ଏକ ମାମଲା ରୁଜୁ କରିଛୁ। ଏସ୍‌ପିଙ୍କ ନିର୍ଦ୍ଦେଶରେ ଘଟଣାର ତଦନ୍ତ ମଧ୍ୟ ଜାରି ରହିଛି।

# ଗ୍ରୀଷ୍ମ ଶିକ୍ଷା ଶିବିର ଉଦ୍‌ଯାପିତ

**କାମାକ୍ଷାନଗର,୭।୬(ଡି.ଏନ.ଏ)**

ଢେଙ୍କାନାଳ ଜିଲା କାନପୁରାସ୍ଥିତ ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟରେ ରବିବାର ସନ୍ଧ୍ୟାରେ ବିଶ୍ୱ ପରିବେଶ ଦିବସ ପାଳନ ସହ ଏକ ମାସ ବ୍ୟାପୀ ଚାଲିଥିବା ଗ୍ରୀଷ୍ମ ଶିକ୍ଷା ଶିବିର ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଢେଙ୍କାନାଳ ଜିଲା ଶିକ୍ଷା ଅଧିକାରୀ ନିବେଦିତା ପାଣି, ବିଶିଷ୍ଟ ଅତିଥି ଭାବେ ଆଞ୍ଚଳିକ ପରିବହନ ଅଧିକାରୀ ବସନ୍ତ କୁମାର ମାଝି, ମୁଖ୍ୟବକ୍ତା ଭାବେ କାମାକ୍ଷାନଗର ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ, ସମ୍ମାନିତ ଅତିଥି ଭାବେ ପଶ୍ଚିମାଞ୍ଚଳ ରେଞ୍ଜ ଅଧିକାରୀ ବନବିହାରୀ ସର୍ଦ୍ଦାର, କାନପୁରା ଗ୍ରାମ ପ୍ରକୃତି ସୁରକ୍ଷା ସମିତି ସଭାପତି ସୂର୍ଯ୍ୟକାନ୍ତ ବିଶ୍ୱାଳ, ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଅଶୋକ ପଣ୍ଡା, ଶିକ୍ଷାବିତ୍ ମାୟାଧର ପାଣି, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବଟକୃଷ୍ଣ ଦାସ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଲୋକନାଥ ଷଡଙ୍ଗୀ, କୈଳାସ ଚନ୍ଦ୍ର ପୃଷ୍ଟି ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟଅତିଥି ବିଦ୍ୟାଳୟରେ ସ୍ଥାପିତ ସୋଲାର ପ୍ରୋଜେକ୍ଟକୁ ଉଦ୍‌ଘାଟନ କରିଥିଲେ। ଅତିଥିମାନେ ବିଦ୍ୟାଳୟ ପରିସରରେ ଚାରାରୋପଣ କରିବା ସହ ଛାତ୍ରୀଛାତ୍ରଙ୍କ ଦ୍ୱାରା କରାଯାଇଥିବା ବିଭିନ୍ନ ପ୍ରକାରର ଚିତ୍ରକଳା, ବର୍ଜ୍ୟ କାଗଜରେ ପ୍ରସ୍ତୁତ ମୁଖା, ଘରେ ସଜେଇ ରଖିବା ପାଇଁ ସୁନ୍ଦର ସୁନ୍ଦର ଥ୍ରୀ-ଡି ଚିତ୍ରକଳା ଷ୍ଟଲ ବୁଲି ଦେଖିଥିଲେ। ଶିକ୍ଷକ ଧ୍ରୁବଚରଣ ସୁନ୍ଦରାୟ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷକ ସୁରେଶ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ଶିକ୍ଷୟିତ୍ରୀ କବିତା ରାଉତ, ଦିନେଶ ଦାସ, ସମରେନ୍ଦ୍ର ନାୟକ ପ୍ରମୁଖ ବିବରଣୀ ପ୍ରଦାନ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ସ୍ୱାସ୍ଥ୍ୟକର୍ମୀ ସଂଘର ନୂତନ କର୍ମକର୍ତ୍ତା ଚୟନ

**ସାତମାଇଲ, ୭।୬(ଡି.ଏନ୍.ଏ.)**

ହିନ୍ଦୋଳ ଉପଖଣ୍ଡ ଖଜୁରିଆକଟା ଗୋଷ୍ଠୀକେନ୍ଦ୍ରର ସ୍ୱାସ୍ଥ୍ୟକର୍ମୀଙ୍କୁ ନେଇ ଏକ ସାଧାରଣ ବୈଠକ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନୂତନ କର୍ମକର୍ତ୍ତାଙ୍କୁ ଚୟନ କରାଯାଇଥିଲା। ସଭାନେତ୍ରୀ ଭାବେ କେତକୀ ଦେଈ, ଉପସଭାପତି ଅମିୟ କୁମାର ପ୍ରଧାନ, ସମ୍ପାଦକ ତାପସ କୁମାର ସାହୁ, ଉପସମ୍ପାଦିକା ଦୀପ୍ତିମୟୀ ପ୍ରଧାନ, କୋଷାଧ୍ୟକ୍ଷ ରଜନୀ ସାମଲ, ଉପକୋଷାଧ୍ୟକ୍ଷ ଭାବେ ସସ୍ମିତା ସାହୁ ମନୋନୀତ ହୋଇଛନ୍ତି। ପୁରାତନ ପେନ୍‌ସନ୍ ବ୍ୟବସ୍ଥା ଲାଗୁ, କ୍ୟାଡର ରୁଲ ସଂଶୋଧନ, ୧୦ ବର୍ଷରେ ପଦୋନ୍ନତି, ୫୦୦୦ ଲୋକସଂଖ୍ୟାରେ ଅତିରିକ୍ତ ମହିଳା ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ଆଦି ଦାବି ବିଷୟରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ଷେତ୍ରରେ ସମସ୍ୟା ଉପୁଜିଥିଲେ ସଂଘ ମାଧ୍ୟମରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯିବ ବୋଲି ନିଷ୍ପତ୍ତି ହୋଇଛି।





କାର୍ଯ୍ୟକ୍ରମରେ ଯୋଗଦେଇଥିବା ସଂଘର କର୍ମକର୍ତ୍ତାମାନେ।

### ହାଇୱା ଧକ୍କାରେ ଯୁବକ ମୃତ

**ସାତମାଇଲ,୭।୬(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଓଡ଼ାପଡ଼ା କଲେଜ ନିକଟସ୍ଥ ଘାଟି ବୁଲାଣିଠାରେ ମଙ୍ଗଳବାର ଏକ ହାଇୱା ଧକ୍କାରେ ମୋଟଙ୍ଗା ଥାନା ପୋଡ଼ାପଡ଼ା ଗ୍ରାମର ମିହିର ଘଡେଇ(୫୩) ପ୍ରାଣ ହରାଇଛନ୍ତି। ମିହିର ବାବନ୍ଧରୁ ଫେରୁଥିବାବେଳେ ବିପରୀତ ଦିଗରୁ ଆସୁଥିବା ଏକ ହାଇୱା ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ବାବନ୍ଧ ରାସ୍ତା ଅବରୋଧ କରିଥିଲେ। ସ୍ଥାନୀୟ ପୋଲିସ ଓ ଅତିରିକ୍ତ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଛି। ମୃତକଙ୍କ ପରିବାରକୁ ଅତିରିକ୍ତ ତହସିଲଦାର ସୁମନ୍ତ ଦେହୁରୀ ରେଡ୍‌କ୍ରସ୍ ପାଣ୍ଠିରୁ ୧୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

# ଅବସରପ୍ରାପ୍ତ ସେଚ କର୍ମଚାରୀଙ୍କ ବୈଠକ



ବୈଠକରେ ଯୋଗଦେଇଥିବା ପେନ୍‌ସନଭୋଗୀ କର୍ମଚାରୀମାନେ।

**ପରଜଙ୍ଗ, ୭।୬(ଡି.ଏନ୍.ଏ.)**

ପରଜଙ୍ଗ ବ୍ଲକର ଅବସରପ୍ରାପ୍ତ ଉଠାଜଳସେଚନ ବିଭାଗ କର୍ମଚାରୀ ସଂଘ ସଭାପତି ମଦନ ମୋହନ ନାୟକଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ପାଣି ପଞ୍ଚାୟତ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କାମାକ୍ଷାନଗର ଉପଖଣ୍ଡର ସମ୍ପାଦକ ଶରତ କୁମାର ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ କର୍ମଚାରୀଙ୍କ ପେନ୍‌ସନ୍ ସମସ୍ୟା ଉପରେ ଆଲୋଚନା କରିଥିଲେ। ଅବସର ନେଇଥିବା କର୍ମଚାରୀଙ୍କ ପେନ୍‌ସନ ବୃଦ୍ଧି, ଅଚଳ ଉଠା ଜଳସେଚନ ପଏଣ୍ଟ କାର୍ଯ୍ୟକ୍ଷମ କରିବା ଆଦି ବିଷୟରେ ଆଲୋଚନା କରାଯାଇଥିଲା। ବିଭାଗୀୟ କାର୍ଯ୍ୟାଳୟରେ ସ୍ଥାୟୀ ଭାବେ ଯନ୍ତ୍ରୀ ନ ରହିବାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ବୈଠକରେ ସମସ୍ତ ଉଠାଜଳସେଚନ ବିଭାଗର ପେନସନଧାରୀ ଯୋଗ ଦେଇଥିଲେ।

# ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

**ପରଜଙ୍ଗ,୭।୬(ଡି.ଏନ.ଏ.)**

ସରକାରୀ ଜାଗା ବିବାଦକୁ ନେଇ କଙ୍କଡାହାଡ଼ ବ୍ଲକ ବିରିବୋଲାଇ ଗ୍ରାମବାସୀ ମଙ୍ଗଳବାର ବିରିବୋଲାଇ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ।



ଗ୍ରାମବାସୀ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି।

ଗ୍ରାମବାସୀ କହିଛନ୍ତି, ଏହି ବିବାଦକୁ ନେଇ ପୂର୍ବରୁ ସେମାନେ ୧୪୯ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ସେତେବେଳେ ତହସିଲଦାର ଆସି ଗ୍ରାମବାସୀଙ୍କୁ ବିବାଦ ସମାଧାନ ନ ହେବା ପର୍ଯ୍ୟନ୍ତ କେହି ଗୃହ ନିର୍ମାଣ କରି ପାରିବେ ନାହିଁ ବୋଲି ବୁଝାଇଥିଲେ। ତେଣୁ ସମସ୍ୟାର ସମାଧାନ ହେବା ପର୍ଯ୍ୟନ୍ତ ଉକ୍ତ ଜାଗାରେ କେହି ନିର୍ମାଣ କରିପାରିବେ ନାହିଁ ବୋଲି ଗ୍ରାମବାସୀ ରାଜସ୍ୱ ନିରୀକ୍ଷକ ଶିବରାମ ବାରିକଙ୍କ ଜରିଆରେ ତହସିଲଦାରଙ୍କୁ ଅଭିଯୋଗପତ୍ର ଦେଇଛନ୍ତି। ଏହି ଖବରପାଇ କଙ୍କଡାହାଡ଼ ରାଜସ୍ୱ ପରିଦର୍ଶକ ସଞ୍ଜୟ କୁମାର ବରାଳ, କର୍ମଚାରୀ ବିଶ୍ୱଜିତ୍ କଅଁର ପହଞ୍ଚି ଶୁକ୍ରବାର ଜାଗାର ଚିହ୍ନଟ ହେବାକୁ ଥିବାରୁ ବିବାଦୀୟ ଜାଗାରେ ଘର କରୁଥିବା ଲୋକଙ୍କୁ ମନା କରିଥିଲେ। ଏହାପରେ ଗ୍ରାମବାସୀ ଧାରଣାରୁ ଉଠିଥିଲେ। ଧାରଣାରେ ଗ୍ରାମ ସଭାପତି ବସନ୍ତ କୁମାର ସାହୁ, ଭୁବନେଶ୍ୱର ସାହୁ, ବିରଞ୍ଚି ସାହୁ, ଗତିକୃଷ୍ଣ ସାହୁଙ୍କ ସହିତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

# 'ସମସ୍ୟାର ସମାଧାନକୁ ଅଗ୍ରାଧିକାର ଦିଆଯିବ'

**ଢେଙ୍କାନାଳ ଅଫିସ,୭।୬**

ରାଜ୍ୟ ମନ୍ତ୍ରିମଣ୍ଡଳରେ ପୁନର୍ବାର ସାମିଲ ସହ ଖଣି, ଇସ୍ପାତ ଓ ପୂର୍ତ୍ତ ବିଭାଗ ଦାୟିତ୍ୱ ନେଇଥିବା ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କୁ ମଙ୍ଗଳବାର ଅପରାହ୍ଣରେ ଢେଙ୍କାନାଳରେ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଅବସରରେ ଢେଙ୍କାନାଳ ସହରସ୍ଥିତ ଦଳୀୟ କାର୍ଯ୍ୟାଳୟଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ମଲ୍ଲିକ ମୁଖ୍ୟମନ୍ତ୍ରୀଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମକୁ ଆଗେଇନେବା ସହ ଲୋକମାନଙ୍କ ସମସ୍ୟାକୁ ଅଗ୍ରାଧିକାର ଭିତ୍ତିରେ ସମାଧାନ କରାଯିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ, ଜିଲା ଯୁବ ବିଜେଡି ସଭାପତି ତଥା କାମାକ୍ଷାନଗର ନଗରପାଳ ଧର୍ମାନନ୍ଦ ପରିଡା, ବିଜେଡି କୃଷକ ସଂଗଠନର ସଭାପତି ନରୋତ୍ତମ ସାହୁ, ଛାତ୍ର ବିଜେଡି ସଭାପତି ସୁରଜ ମହାପାତ୍ର, ପୂର୍ବତନ ଡ୍ରିଟ୍ ଅଧ୍ୟକ୍ଷ ଦେବୀପ୍ରସାଦ ଭୂତିଆ, ଦେବାଶିଷ ମିଶ୍ର, ଜିଲା ମହିଳା ବିଜେଡି କାର୍ଯ୍ୟକାରୀ ସଭାପତି ରୁବି ବିଶ୍ୱାଳଙ୍କ ସମେତ ବିଭିନ୍ନ ବ୍ଲକର ଅଧ୍ୟକ୍ଷା ଅଧ୍ୟକ୍ଷ, ଢେଙ୍କାନାଳ ପୌରସଂସ୍ଥାର ସମସ୍ତ କାଉନସିଲର, ପୂର୍ବତନ ନଗରପାଳ ସୁଧାଂଶୁ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ। ଢେଙ୍କାନାଳ ସହର ଉପକଣ୍ଠ କୋରିଆଁଠାରୁ ମନ୍ତ୍ରୀଙ୍କୁ ଦଳୀୟ କର୍ମୀମାନେ ଏକ ବାଇକ ଶୋଭାଯାତ୍ରାରେ ବାଜିଚୌକଯାଏ ଆଣିଥିଲେ। ବାଜିଚୌକଠାରେ ଶହୀଦ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ମନ୍ତ୍ରୀ ମାଲ୍ୟାର୍ପଣ କରିଥିଲେ। ଏହାପରେ ରଥଗଡାଠାରେ ନବ ନିର୍ମିତ ମାର୍କେଟ କମ୍ପ୍ଲେକ୍ସ ପରିସରରେ ମହାନ ଜନନାୟକ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମନ୍ତ୍ରୀ ମାଲ୍ୟାର୍ପଣ କରିଥିଲେ।



ଜିଲା ବିଜେଡି କାର୍ଯ୍ୟାଳୟରେ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ସମେତ ଅନ୍ୟମାନେ।

